# ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,କୁତ୍ରା

ବିଜ୍ଞପ୍ତି ସଂଖ୍ୟା: - ୮୬୩ ତା:

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି କି, କୁତ୍ରା ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିନରେ ଥିବା **ଦାତାଡୁମେର** ଅ:ୱା କେନ୍ଦ୍ରର **ଅଙ୍ଗନୱାଡ଼ି କର୍ମୀ** ପଦ ପାଇଁ ବିଜ୍ଞପ୍ତି ଆହ୍ୱାନ କରାଯାଉଅଛି । **ଅଙ୍ଗନୱାଡ଼ି କର୍ମୀ** ପଦ ପାଇଁ ସେହି ଅଙ୍ଗନ ୱାଡି କେନ୍ଦ୍ର ପରିସରଭୁକ୍ତ +2 ଓ ତଦୁର୍ଦ୍ଧ **ଆଦିବାସୀ** ବର୍ଗର ମହିଳା ପ୍ରାର୍ଥିନୀ ଆବେଦନ କରିପାରିବେ ।

ଯେଉଁ ଇଚ୍ଛୁକ ପ୍ରାର୍ଥିନୀମାନେ ନିମ୍ନରେ ବର୍ଣ୍ଣାଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରିପାରୁଥିବେ ସେମାନେ ଏହି website (URL:http://engagement-awc.odisha.gov.in) ରେ login କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର upload କରି ଓ ଆବଶ୍ୟକୀୟ ସ୍ଥାନ ପୂରଣ କରି ଆସନ୍ତା ତା: ୨୦.୦୬.୨୦୨୬ ଠାରୁ ୦୪.୦୭.୨୦୨୬ ରିଖ ସୁଦ୍ଧା ଅନଲାଇନ ଦରଖାସ୍ତ ଆବେଦନ କରିପାରିବେ । ନିର୍ଦ୍ଧାରିତ ଦିବସ ଓ ସମୟସୀମା ମଧ୍ୟରେ ଅନଲାଇନରେ ଅପଲୋଡ କରିଥିବା ସମସ୍ତ ସାର୍ଟିଫିକେଟର ଅବିକଳ ନକଲ ନିଜ ସ୍ୱାକ୍ଷରସହିତ ଅତ୍ର କାର୍ଯ୍ୟାଳୟରେ ଏକ ଲଫାଫାରେ ଦାଖଲ କରିବେ । ସମସ୍ତ ଦରଖାସ୍ତକାରୀମାନଙ୍କୁ ସୂଚିତ କରାଯାଉଛି ଯେ ଆସନ୍ତା ତା **୦୬.୦୭.୨୦୨୬ ପୂର୍ବାହ୍ନ ୧୧:୦୦** ଘଟିକାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସମସ୍ତ ମୂଳ ପ୍ରମାଣପତ୍ରର ଯାଞ୍ଚ କରାଯିବ । ଏଣୁ ସମସ୍ତ ଆବେଦନକାରୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନରେ ସମସ୍ତ ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବେ ।

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
କୁତ୍ରା

## ଅଙ୍ଗନୱାଡି କର୍ମୀ ମନୋନୟନ ପାଇଁ ଯୋଗ୍ୟତା ଓ ସର୍ତ୍ତାବଳୀ

- ପ୍ରାର୍ଥିନୀ କେବଳ ଆଦିବସୀ ବର୍ଗର ମହିଳା ହୋଇଥିବେ ।
- ପ୍ରାର୍ଥିନୀ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର/କେନ୍ଦ୍ର ସର୍ଭେ ପରିସରଭୁକ୍ତ ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ପ୍ରାର୍ଥିନୀଙ୍କ ସର୍ବନିମ୍ନ ବୟସ ତା **01/01/2026** ରିଖ ସୁଦ୍ଧା **18** ବର୍ଷ ସଂପୂର୍ଣ୍ଣ ହୋଇଥିବ ଓ ସର୍ବୋଚ୍ଚ ବୟସ ସୀମା **35** ବର୍ଷରୁ ଅଧିକ ହୋଇନଥିବ ।
- ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା +2 ବା ତଦୁର୍ଦ୍ଧ୍ୱ ହୋଇଥିବ ।
- ପ୍ରାର୍ଥିନୀ ଯଦି +2 ପାସ କରି ଅଙ୍ଗନୱାଡି କେନ୍ଦ୍ରର ସାହାଯ୍ୟ କାରିଣୀ(Helper) ଭାବରେ ୫ ବର୍ଷରୁ ଉର୍ଦ୍ଧ୍ୱକାଳ ସୁଚାରୁ ରୂପେ କାର୍ଯ୍ୟ ସଂପାଦନ କରିଥାଏ ଏବଂ ଉପଯୁକ୍ତ ବୋଲି ପ୍ରମାଣିତ ହେଲେ, ତେବେ ପ୍ରାର୍ଥିନୀ ଯେ କୌଣସି ବର୍ଗର (ଆଦିବାସୀ/ହରିଜନ/ଅନ୍ୟାନ୍ୟ) ହୋଇଥିଲେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ପଦବୀକୁ ମନୋନୀତ କରାଯିବ ।
- ଅଙ୍ଗନୱାଡ଼ି କର୍ମୀ ଭାବେ ଚୟନ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରର ସାହାଯ୍ୟ କାରିଣୀ(Helper) କ୍ଷେତ୍ରରେ ବୟସ ସର୍ବାଧିକ 10 ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇପରେ ।
- ପ୍ରାର୍ଥିନୀ ମନୋନୟନ ହେଲେ ତିନି ମାସ ପାଇଁ ଅଙ୍ଗନୱାଡି କର୍ମୀ ପ୍ରଶିକ୍ଷଣ କରାଯିବା ତାଲିମ୍ କେନ୍ଦ୍ରକୁ ତାଲିମ୍ ନେବାକୁ ଲିଖିତ ଭାବରେ ଅଙ୍ଗିକାରବଦ୍ଧ ହେବେ ।
- ଅଙ୍ଗନୱାଡି କର୍ମୀ ରୂପେ ମନୋନୀତ ହେଲେ ମାସିକ ଟ.**10,000 .00** (ଦଶ ହଜାର) ଟଙ୍କା ଲେଖାଏଁ ଭତ୍ତା ପାଇବେ ।
- ଆପଣଙ୍କ କାର୍ଯ୍ୟ ସନ୍ତୋଷ ଜନକ ନ ହେଲେ ଆପଣଙ୍କୁ ଯେ କୌଣସି ମୁହୂର୍ତ୍ତରେ ବହିଷ୍କାର କରାଯିବ ।
- ପ୍ରାର୍ଥିନୀ ଓଡିଶା ସରକାରଙ୍କର ଯେକୌଣସି ସ୍ୱିକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଆବଶ୍ୟକୀୟ ଶିକ୍ଷା ଲାଭ କରିଥିଲେ ମଧ୍ୟ ଓଡିଆ ଭଷାରେ ଅତିକମରେ 7ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ଆବଶ୍ୟକ ।
- ଯଦି ପ୍ରାର୍ଥିନୀ ପୂର୍ବରୁ ଅଙ୍ଗନୱାଡି କର୍ମୀଭାବରେ କାର୍ଯ୍ୟକରି କାର୍ଯ୍ୟରୁ ଅନ୍ତର ହୋଇଥାନ୍ତି, ତେବେ ତାଙ୍କର ପୂର୍ବରୁ କରିଥିବା କାର୍ଯ୍ୟଧାରାକୁ ବିଚାର କରାଯିବ ନାହିଁ । ପ୍ରାର୍ଥିନୀଙ୍କ ଆବେଦନ ପତ୍ରକୁ ଅନ୍ୟମାନଙ୍କ ଆବେଦନ ପତ୍ର ଭଳି ନୂଆକରି ଗ୍ରହଣ କରାଯିବ ।
- ପ୍ରାର୍ଥିନୀଯଦି ପଞ୍ଚାୟତିରାଜ୍ ବିଭାଗର ନିର୍ବାଚିତ ସଦସ୍ୟା ହୋଇଥାନ୍ତି, ତେବେ ଉକ୍ତ ପଦବୀ ନିମିତ୍ତ ଚୟନ କମିଟିଦ୍ୱାରା ଯୋଗ୍ୟ ବିବେଚିତ ହୋଇସାରିବାପରେ ପ୍ରଥମେ ଇସ୍ତଫାଦେଇ କର୍ମୀ ପଦବୀରେ ଯୋଗଦାନ କରିବେ ।

ଉପରୋକ୍ତ ନିୟମାବଳୀକୁ ଅନୁସରଣକରି ପ୍ରାର୍ଥିନୀ ଆବେଦନ ପତ୍ର ସହିତ ଆନୁସଂଗିକ ସାର୍ଟିଫିକେଟର ଜେରକ୍ସ କପିରେ ପ୍ରାର୍ଥିନୀ ନିଜେ ସମସ୍ତ ସାର୍ଟିଫିକେଟରେ ସ୍ୱାକ୍ଷରକରିବା ସହିତ ତାରିଖ ଉଲ୍ଲେଖ କରିବା ଜରୁରୀ ।

| କ୍ର.ସଂଖ୍ୟା | ଗ୍ରାମ ପଞ୍ଚାୟତ ର ନାମ | ଗ୍ରାମ / ୱାର୍ଡ ର ନାମ | ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ର ନାମ | ନିର୍ଦ୍ଧାରିତ ପରିସରଭୁକ୍ତ ଅଞ୍ଚଳ | |
|---|---|---|---|---|---|
| | | | | ଆରମ୍ଭ ଗୃହ ସଂଖ୍ୟା | ଶେଷ ଗୃହ ସଂଖ୍ୟା |
| 1 | ନୂଆଗାଁ | ନୂଆଗାଁ | ଦାତାଡୁମେର | 001- ଭାଲେରିୟୁସ କୁଲୁ | 055- ନୋର୍ବେଟ ଡୁଙ୍ଗଡୁଙ୍ଗ |

ନିମ୍ନଲିଖିତ ମୂଳ ସାର୍ଟିଫିକେଟ୍ କୁୱେବସାଇଟରେ ସଂଲଗ୍ନ କରିବେ।

- ପାସ୍ ପୋର୍ଟ ସାଇଜର ସେଲଫ୍ ଆଟେଷ୍ଟେଡ୍ ଫଟୋକପି ।
- +2 ଓ ତର୍ଦ୍ଧ୍ୱ ଶିକ୍ଷାର ବୋର୍ଡ ସାର୍ଟିଫିକେଟ୍ ଓ ମାର୍କସିଟ୍ । (ବୋର୍ଡ ଓ ମାର୍କସିଟ ଦୁଅ ନିତ୍ୟାନ୍ତ ଆବଶ୍ୟକ )।
- ମ୍ୟାଟ୍ରିକ ପାସ୍ ଶିକ୍ଷାର ବୋର୍ଡ ସାର୍ଟିଫିକେଟ ଓ ମାର୍କସିଟ୍ । (ବୟସ ପ୍ରମାଣ ପାଇଁ ନିତ୍ୟାନ୍ତ ଆବଶ୍ୟକ) ।
- ଜାତିଗତ ପ୍ରମାଣ ପତ୍ର । ( ତହସିଲଦାରଙ୍କଠାରୁ )
- ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।(ତହସିଲଦାରଙ୍କ ଠାରୁ **2021– 2026** ବର୍ଷର ହୋଇଥିବା ଆବଶ୍ୟକ)
- ଅନାଥ ପ୍ରମାଣ ପତ୍ର ।(ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥାଶ୍ରମରୁ)
- ଶାରିରୀକ ଭିନ୍ନକ୍ଷମ ପ୍ରମାଣ ପତ୍ର।(CDMO)
- ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର (କୋର୍ଟ ରୁ ପ୍ରମାଣିତ)
- ବିଧବା ପ୍ରମାଣ ପତ୍ର।
- ବିଜ୍ଞାପିତ ସାହିର ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର । (ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର Survey Register ରୁ Xerox Copy ) ଦାୟିତ୍ୱରେ ଥିବା ଅ. ୱା. କର୍ମୀଙ୍କ ପାଖରୁ ଗ୍ରହଣ କରିବେ ।

ପ୍ରକାଶଥାଉ କି କୌଣସି ତ୍ରୁଟି ଅନୁଧ୍ୟାନ ପୂର୍ବକ ତଥା କୌଣସି କାରଣ ନ ଦର୍ଶାଇ ଚୟନ କମିଟି ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ସଂପୂର୍ଣ୍ଣ ବିଜ୍ଞାପନକୁ ବାତିଲ କରାଯାଇପାରେ ।

ସ୍ୱା: ଅପାଠ୍ୟ
୧୮.୦୩.୨୫
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୁତ୍ରା

ପରିପତ୍ର ସଂଖ୍ୟା: ୮୪୪ ତା: ୧୮/03/୨୦୨୫

ଏହାର ଏକକିତା ନକଲ ସଂପୃକ୍ତ ମଣ୍ଡଳ ପରିଦର୍ଶିକା / ସଂପୃକ୍ତ ସରପଞ୍ଚ ଙ୍କ ଅବଗତି ନିମନ୍ତେ ପଠାଗଲା । ତାଙ୍କୁ ଅନୁରୋଧ କରାଯାଉଅଛି କି, ଏହି ବିଜ୍ଞାପନକୁ ଗ୍ରା:ପ: କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଏବଂ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଲଟକା ଜାରି କରିବାସହ ଏହାର ପ୍ରମାଣ ସ୍ୱରୂପ ଗ୍ରାମର ବ୍ୟକ୍ତିମାନଙ୍କର ସ୍ୱାକ୍ଷର କରିବେ ।

ସ୍ୱା: ଅପାଠ୍ୟ
୧୮.୦୩.୨୫
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୁତ୍ରା

ପରିପତ୍ର ସଂଖ୍ୟା: ୮୪୫ ତା: ୧୮/03/୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲପାଳ, ସଦର ସୁନ୍ଦରଗଡ଼/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସୁନ୍ଦରଗଡ଼/ ଗୋଷ୍ଠି ଉନ୍ନୟନ ଅଧିକାରୀ, କୁତ୍ରା/ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ, କୁତ୍ରାଙ୍କ ଅବଗତି ନିମନ୍ତେ ପଠାଗଲା ।

ସ୍ୱା: ଅପାଠ୍ୟ
୧୮.୦୩.୨୫
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୁତ୍ରା